# ଭକ୍ତି

ବିଶ୍ୱଜୀବନ ହେ, ତୁମ୍ଭଙ୍କୁ କରୁଣା ସିନ୍ଧୁ
ବୋଲିବାକୁ ମନ ବଳୁ ନାହିଁ ଯେଣୁ
ସିନ୍ଧୁ ତୁମ୍ଭ କୃପାବିନ୍ଦୁ ।।ଘୋଷା ।।

ତୁମ୍ଭ ଭଜନରେ ହେବି ନାହିଁ ନାଥ
ମାଳା ଜପିବାକୁ ବାଧ୍ୟ,
କୋଟି କୋଟି ଗ୍ରହ କଣ୍ଢି ସେ ମାଳାର
କେ ଜପି କରିବ ସାଧ ?

ଦେଇ ନାହିଁ ବଳ ପାଦଧୂଳି ଘେନି
ପାରିବ ନାହିଁ ମୋ ମୁଣ୍ଡ,
କୋଟି କୋଟି ରବି ଧୂଳି ରୂପେ ତୁମ୍ଭ
ପାଦେ ହୋଇଛନ୍ତି ଗୁଣ୍ଡ ।

ହୃଦୟର କଥା ଜାଣିବାକୁ ଅଛି
ତୁମ୍ଭର ଅସୀମ ଶକ୍ତି,
ସେତିକି ଘେନିବ ଯେତିକି ଅଛି ମୋ
ହୃଦେ ତୁମ୍ଭ ପ୍ରତି ଭକ୍ତି ।

ଥାପିବାକୁ ତୁମ୍ଭ ମୂରତି ମୋ କ୍ଷୁଦ୍ର
ହୃଦୟରେ ନାହିଁ ସ୍ଥାନ;
ସର୍ଷପ ଗରଭେ ରହି କି ପାରଇ
ହିମାଳୟ ସାନୁମାନ ?

କି ଦେଇ ପୂଜିବି ଯାହା ମୁଁ ଦେଖୁଛିଁ
ସବୁ ତୁମ୍ଭରି ପ୍ରସାଦ,
ଯାହା ପରସାଦ ତାଙ୍କୁ ଅରପିଲେ
ହେବ ସିନା ଅପରାଧ !

ମୁ କାର ମାତର ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ,
ଦୂରୁ ଶ୍ରୀଚରଣେ, ଅର୍ପଣ କରୁଛି
ଘେନ ତା' ବିଶ୍ୱ ସମ୍ରାଟ !